# Akashvani, Sambalpur

## SAMBALPURI NEWS EVENING BULLETIN

**30 December 2025- 7.02 pm- 7.12 pm.**

*********************************************

୧- ଆଏବା ଆର୍ଥିକ୍ ବଛର୍ ବଜେଟ୍ ଲାଗି ପ୍ରଧାନ୍‌ମନ୍ତ୍ରୀଙ୍କର୍ ଅଧ୍ୟକ୍ଷତାଥି ନୂଆଦିଲ୍ଲୀ ନ ବସ୍‌ଲା ପ୍ରସ୍ତୁତି ବୈଠକ୍ ।

୨- ୧୧ ଟା ବିଭାଗ୍‌ର ୧ ହଜାର୍ ୫ ଶହ ୪୩ ଝନ୍‌କୁ ନିଯୁକ୍ତି ପତ୍ର ବାଂଟ୍‌ଲେ ମୁଖ୍ୟମନ୍ତ୍ରୀ ।

୩- ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ବର୍‌ଗଡ୍ ଧନୁଯାତ୍ରାଥି ଆଏଜ୍ ହେଲେ ରାଜଅତିଥି ।

ଆଉର୍

୪- ପର୍ଯ୍ୟଟନ୍ ସମିଆଥି ବଣଭୋଜି ଜାଗା ମାନ୍‌କର୍ କଡ଼ାକଡ଼ି ଯାଂଚ୍ ଲାଗି ପରିବହନ୍ ବିଭାଗ୍ ତର୍‌ଫୁ ଜାରି ହେଲା ମାର୍ଗଦର୍ଶିକା ।

ପ୍ରଧାନ୍‌ମନ୍ତ୍ରୀ- ବଜେଟ୍ ପ୍ରସ୍ତୁତି ବୈଠକ୍        ଏନ୍‌ଏସ୍‌ଡି

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଅଧକ୍ଷତାଥି ନୂଆଦିଲ୍ଲୀର୍ ନୀତି ଆୟୋଗ୍ ନ ଆଏଜ୍ ୨୦୨୬ -୨୭ ଆର୍ଥିକ୍ ବଛର୍ ଲାଗି ବଜେଟ୍ ତିଆର୍ କର୍‌ବାର୍‌କେ ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ଇ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ ଦେଶର୍ ବରିଷ୍ଠ ଅର୍ଥନୀତିଜ୍ଞ ଆଉ ଭିନ୍ ଭିନ୍ କ୍ଷେତ୍ରର୍ ବିଶେଷଜ୍ଞମାନ୍‌କର୍ ସାଙ୍ଗେ ଆଲୋଚନା କରିକରି ବଜେଟ୍ ତିଆରି ବାବ୍‌ଦେ ସେମାନ୍‌କର୍ ମତାମତ୍ ଗ୍ରହଣ୍ କରିଛନ୍ । ଦେଶର୍ ଏଛ୍‌ନିର୍ ଅର୍ଥନୈତିକ୍ ପରିସ୍ଥିତି ଆଉ ଭବିଷ୍ୟତ୍‌ର ପ୍ରାଥମିକତା ଉପ୍‌ରେ ବିଶେଷଜ୍ଞମାନେ ମତାମତ୍ ଉପସ୍ଥାପନ୍ କରିଛନ୍ ।

ମୁଖ୍ୟମନ୍ତ୍ରୀ-ନିଯୁକ୍ତି ମେଳା        ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଏଜେ ଗୁଣାତ୍ମକ ଶିକ୍ଷା ସୁନିଶ୍ଚିତ୍ କର୍‌ବାର୍ ଆଉ ଶିକ୍ଷା ବ୍ୟବସ୍ଥାଥି ଉନ୍ନତି ଆନ୍‌ବାର୍ ଲାଗି ସର୍‌କାର୍ ବହୁତ୍‌ଟେ ଯୁଗାନ୍ତକାରୀ ପଦକ୍ଷେପ୍ ନଉଛନ୍ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଭୁବ୍‌ନେଶ୍ୱର୍ ରେଲ୍ ଅଡିଟୋରିୟମ୍ ନ ହେଇଥିବା ନିଯୁକ୍ତି ମେଳାଥି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ୧୧ ଟା ବିଭାଗ୍‌ର ୧ ହଜାର୍ ୫ ଶହ ୪୩ ଝନ୍ ନୂଆଁ ନିଯୁକ୍ତ ପ୍ରାର୍ଥୀମାନ୍‌କୁ ନିଯୁକ୍ତି ପତ୍ର ବାଂଟିକରି କହିଛନ୍, ଗଲା ଦେଢ଼୍ ବଛର୍ ଭିତ୍‌ରେ

୩୯ ହଜାର୍ ୪ ଶହ ୫୯ ଝନ୍‌କୁ ନିଯୁକ୍ତି ପତ୍ର ବଂଟାଯାଇଛେ । ଆଏବା ଦିନେ ୬୫ ହଜାର୍‌ନୁ ଅଏତ୍‌କା ନିଯୁକ୍ତିପତ୍ର ବାଂଟ୍‌ବାର୍‌କେ ସର୍‌କାର୍ ଲକ୍ଷ୍ୟ ରଖିଛନ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସ୍ୱଚ୍ଛ, ଉତର୍‌ଦାୟୀ ଆଉ ସମିଆ ଜାନି ସେବା ଯୁଗେଇକରି ସମୃଦ୍ଧ ଓଡ଼ିଶା ଗଢ଼୍‌ବାର୍‌କେ ନିଯୁକ୍ତି ପାଇଥିବା ପିଲାଟୁକେଲ୍‌ମାନ୍‌କୁ ଆହ୍ୱାନ୍ ଦେଇଛନ୍ । ରାଜ୍ୟ ସର୍‌କାର୍ ଶିକ୍ଷାର୍ ବିକାଶ୍ ଲାଗି ଜାତୀୟ ଶିକ୍ଷାନୀତି ୨୦୨୦ ଲାଗୁ କର୍‌ବାର୍ ସହେତେ ଭିନ୍ ଭିନ୍ ଯୋଜ୍‌ନା ହାତ୍‌କେ ନଉଛନ୍ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ନିଯୁକ୍ତି ମେଳାଥି ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍‌ର ୭ ଶହ ୭୫ ଝନ୍ ଓଡ଼ିଶା ପ୍ରଶାସନିକ୍ ସେବାର୍ ୩ ଶହ ୪୨ ଝନ୍, କୃଷି ବିଭାଗ୍‌ର ୩ ଶହ ୯୨ ଆଉ ଅଲ୍‌ଗା ବିଭାଗ୍‌ନୁ ୧୪ ଝନ୍‌କୁ ମୁଖ୍ୟମନ୍ତ୍ରୀ ନିଯୁକ୍ତି ପତ୍ର ବାଂଟିଛନ୍ ।

ମୁଖ୍ୟମନ୍ତ୍ରୀ- ନବବର୍ଷ ଶୁଭେଚ୍ଛା ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଇଂରାଜୀ ନୂଆବଛର୍ ଅବ୍‌ସରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜନେଇଛନ୍ । ଜାନୁଆରୀ ୧ ତାରିଖ୍ କାର୍ଯ୍ୟଦିବସ୍ ଥିବାର୍‌ନୁ ତାଙ୍କର୍ କାର୍ଯ୍ୟାଳୟ ସାଧାରଣ୍ କାର୍ଯ୍ୟଦିବସ୍ ଭାବେ କାମ୍ କର୍‌ବା ।

ଇ ସମିଆଥି ବ୍ୟକ୍ତିଗତ ଭାବେ କେହି ଶୁଭେଚ୍ଛା ଜନାବାର୍‌କେ କାର୍ଯ୍ୟାଳୟ ନ ଗହଲି ନାଇଁ କର୍‌ବାର୍‌କେ ମୁଖ୍ୟମନ୍ତ୍ରୀ ଅନୁରୋଧ୍ କରିଛନ୍ । ଇତାର୍‌ସହେତେ ଅଧିକାରୀମାନ୍‌କୁ ଭିଲ୍ ଅଲ୍‌ଗା ଦିନ୍ ବାଗିର୍ କାମ୍ କର୍‌ବାର୍‌କେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ୍ ଦେଇଛନ୍ ।

ବର୍‌ଗଡ୍ ଧନୁଯାତ୍ରା ବର୍‌ଗଡ୍ ସମ୍ବାଦଦାତା

ବର୍‌ଗଡ୍‌ର ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରାର୍ ୭ ନମ୍ବର୍ ଦିନେ ଆଏଜ୍ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କଂସ ମହାରାଜ୍‌ଙ୍କର୍ ରଙ୍ଗମହଲ୍ ନ ରାଜଅତିଥି ଭାବେ ଯୋଗ୍ ଦେଇଛନ୍ । ଇ ଅବ୍‌ସରେ ବର୍‌ଗଡ୍ ସାଂସଦ୍ ପ୍ରଦୀପ୍ ପୁରୋହିତ୍‌ଙ୍କର୍ ସହେତେ ଅଲ୍‌ଗା ମାନେ ଉପସ୍ଥିତ୍ ଅଛନ୍ ।

ଧନୁଯାତ୍ରାଥି ଆଏଜ୍ ମଥୁରା ନଗରୀ ନ ନାରଦଙ୍କର୍ ପରାମର୍ଶଥି ଶ୍ରୀକୃଷ୍ଣ, ବଲରାମ୍‌ଙ୍କୁ ଧନୁଯାତ୍ରା ଲାଗି ନିମନ୍ତ୍ରଣ୍ ଦେବାର୍‌କେ ଅକ୍ରୁରଙ୍କୁ ଗୋପପୁର ପ୍ରେରଣ, କଂସଙ୍କର୍ ନଗର୍ ଭ୍ରମଣ୍, ହାଟ୍‌ପଦା ଦୁର୍ଗା ମନ୍ଦିର୍ ନ ଦୁର୍ଗାସ୍ତୁତି ହେବାର୍ ସହେତେ ରାଜ୍‌ଦର୍‌ବାର୍ ନ ନ୍ୟାୟ ବିଚାର୍ କାର୍ଯ୍ୟକ୍ରମ୍ ହେବା । ସେନ୍ତା ଗୋପପୁର୍ ନ ଗୋପୀଙ୍କର୍ ଦହିବିକା, ରାଧାକୃଷ୍ଣଙ୍କର୍ ନାବକେଳ, ଶଙ୍ଖଚୂଡ଼୍ ବଧ ସଙ୍ଗେ ନନ୍ଦ ଦର୍‌ବାର୍ ନ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ହେଇଯାଇଛେ ।

ଧର୍ମେନ୍ଦ୍ର ପ୍ରଦାନ୍- ରେଢ଼ାଖୋଲ୍ ସମ୍ବଲ୍ପୁର୍ ସମ୍ବାଦଦାତା

ସମ୍ବଲ୍ପୁର୍ ଜିଲ୍ଲା ରେଢ଼ାଖୋଲ୍ ସହରେ ଗୁଟେ ବାଇପାସ୍ ତିଆର୍ କର୍‌ବାର୍ ଲାଗି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍, କେନ୍ଦ୍ର ସଡ଼କ୍, ପରିବହନ୍ ଆଉ ରାଜପଥ ମନ୍ତ୍ରୀ ନୀତିନ୍ ଗଡ଼କରୀଙ୍କୁ ଚିଠି ଲେଖିକରି ଅନୁରୋଧ୍ କରିଛନ୍ । ସହର୍ ଭିତର୍ ଦେଇକରି ଶହ ଶହ ଭାରିଯାନ ଚଲାଚଲ୍ କରୁଛେ । ରାସ୍ତା ଛୋଟ୍ ହେଇଥିବାର୍‌ନୁ ଟ୍ରାଫିକ୍ ସମସ୍ୟା ଦେଖାଦେଉଛେ । ବାଇପାସ୍ ରାସ୍ତା ତିଆର୍ ହେଲେ ଲୁକ୍‌କର୍ ସମସ୍ୟା ଦୂର୍ ହେବାର୍ ସହେତେ ଦୁର୍ଘଟଣା ଭିଲ୍ କମ୍‌ବା ବଲି ଶ୍ରୀ ପ୍ରଧାନ୍ ଚିଠିଥି ଉଲ୍ଲେଖ କରିଛନ୍ ।

ଶ୍ରୀମନ୍ଦିର୍‌ର ଜମି ବନ୍ଦୋବସ୍ତ ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍‌ର ଜମି ବନ୍ଦୋବସ୍ତ ନୀତି ଆଉ ପରିଚାଳନା ଆଇନ୍ ସଂଶୋଧନ୍ କର୍‌ବାର୍ ଲାଗି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍‌ଙ୍କର୍ ଅଧ୍ୟକ୍ଷତାଥି ଆଏଜ୍ ଗୁଟେ ସମୀକ୍ଷା ବୈଠକ୍ ହେଇଯାଇଛେ । ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ହେଇଥିବା ବୈଠକ୍‌ଥି ଶ୍ରୀଜଗନ୍ନାଥଙ୍କର୍ ନାଁଥି ଥିବା ଜମିର ସଠିକ୍ ବନ୍ଦୋବସ୍ତ, ବହୁତ୍ ଦିନ୍ ହେଲା ସ୍ଥାୟୀ ଭାବେ ରହୁଥିବା ଦଇତାପତି, ନିଯୋଗ, ସେବାୟତ ଆଉ ମଠମାନ୍‌କୁ ଜମି ଦେବାର୍ ଲାଗି ଥିବା ନୀତିଥି ସଂଶୋଧନ୍

ବାବ୍‌ଦେ ଆଲୋଚନା କରାଯାଇଥିଲା । ନୀତି ସଂଶୋଧନ୍ ହେଲେ ଶ୍ରୀମନ୍ଦିର ରାଜସ୍ୱ ଆଦାୟ ସୁଗମ୍ ହେଇପାର୍‌ବା । ମାହାପୁରୁଙ୍କର୍ ନାଁଥି ଥିବା ବହୁତ୍ ସମ୍ପତି ଜବରଦଖଲ୍‌ନୁ ମୁକ୍‌ଲେଇକରି ଆବଂଟନ୍ ଲାଗି ଆସିଥିବା ପ୍ରସ୍ତାବ୍ ଉପ୍‌ରେ ଭିଲ୍ ବୈଠକ୍‌ଥି ଆଲୋଚନା କରାଯାଇଥିଲା ।

ବଣଭୋଜି-ମାର୍ଗଦର୍ଶିକା ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ପର୍ଯ୍ୟଟନ୍ ସମିଆଥି ବଣଭୋଜି ଜାଗା ମାନ୍‌କର୍ କଡ଼ାକଡ଼ି ଏନ୍‌ଫୋର୍ସମେଂଟ୍ କର୍‌ବାର୍ ଲାଗି ବାଣିଜ୍ୟ ଆଉ ପରିବହନ୍ ବିଭାଗ୍ ତର୍‌ଫୁ ଆଏଜ୍ ମାର୍ଗଦର୍ଶିକା ଜାରି କରାଯାଇଛେ । ପର୍ଯ୍ୟଟନ୍ ସମିଆଥି ଘଟୁଥିବା ଦୁର୍ଘଟଣାକେ କମ୍ କର୍‌ବାର୍ ଲାଗି ମାର୍ଗଦର୍ଶିକାର୍ କଠୋର୍ ଅନୁପାଲନ୍ କର୍‌ବାର୍‌କେ ସବୁ ଆର୍‌ଟିଓ ଆଉ ଏଆର୍‌ଟିଓକେ ରାଜ୍ୟ ପରିବହନ୍ ପ୍ରାଧିକରଣ୍ ତର୍‌ଫୁ ନିର୍ଦ୍ଦେଶ୍ ଦିଆଯାଇଛେ । ମଦ୍ ପିଇକରି ଗାଡ଼ି ଚଲାବାର୍ ଆଉ ଦ୍ରୁତଗତିଥି ଗାଡ଼ି ଚଲାବାର୍ ଲାଗି ବଣଭୋଜି ଜାଗା ମାନ୍‌କେ ଦୁର୍ଘଟଣାମାନ୍ ଘଟୁଛେ । ଇତାକେ ଆଏତ୍ କର୍‌ବାର୍ ଲାଗି ବଣଭୋଜି ଇଲାକା ନ ଗାଡ଼ି ଚାଲକ୍‌ମାନ୍‌କର୍ ଯାଂଚ୍ କରାଯିବାର୍ ସହେତେ ଟ୍ରାଫିକ୍ ନିୟମ୍ ଉଲ୍ଲଂଘନ୍‌କାରୀ ମାନ୍‌କର୍ ବିରୋଧିଥି କଡ଼ା କାର୍ଯ୍ୟାନୁଷ୍ଠାନ୍ ନିଆଯିବା ବଲି ନିର୍ଦ୍ଦେଶ୍ ଦିଆଯାଇଛେ ।

ଶ୍ରୀମନ୍ଦିର୍-ଇଂରାଜୀ ନୂଆବଛର୍ ପ୍ରସ୍ତୁତି ପୁରୀ ସମ୍ବାଦଦାତା

ଇଂରାଜୀ ନୂଆବଛର୍ ଲାଗି ଶ୍ରୀକ୍ଷେତ୍ର ପୁରୀ ନ ଜବର୍ ଗହଲ୍‌ଚହଲ୍ ମୁଲ୍ ହେଇଗଲାନ । ଆଏବା କାଏଲ୍ ଆଉ ୧ ତାରିଖ୍ ଦିନ ପୁରୀ ନ ଭକ୍ତ, ଆଉ ପର୍ଯ୍ୟଟକଙ୍କର୍ ଭିଡ଼୍‌କେ ନଜର୍‌ଥି ରଖିକରି ପ୍ରଶାସନ୍ ତର୍‌ଫୁ ହର୍‌ରକ୍‌ମର୍ ତୟାରି କରାଯାଇଛେ । ନୂଆବଛର୍ ଲାଗି ରାତିର୍ ୧୧ ବଜେନୁ ମାହାପୁରୁଙ୍କର୍ ପହୁଡ଼ ନିଷ୍ପତି ନିଆଯାଇଥିବାର୍ ବେଲେ ରାତିର୍ ୨ ବଜେନୁ ଦ୍ୱାରଫିଟା ନୀତି କରାଯିବା । ଭକ୍ତଙ୍କର୍ ଶୃଙ୍ଖଲିତ୍ ଦର୍ଶନ୍ ଆଉ ଟ୍ରାଫିକ୍ ନିୟନ୍ତ୍ରଣ୍ ଲାଗି ସହରେ ୭୦ ନୁ ଅଏତ୍‌କା ପ୍ଲାଟୁନ୍ ପୁଲିସ୍ ଫୋର୍ସ ମୁତୟନ୍ କରାଯିବା । ୨ ଝନ୍ କମାଣ୍ଡାଂଟ୍, ୧୩ ଝନ୍ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ୍, ୪୩ ଝନ୍ ଡିଏସ୍‌ପି, ୮୭ ଝନ୍ ଇନ୍ସ୍‌ପେକ୍ଟର୍, ୨ ଶହ ୪୬ ଝନ୍ ଏସ୍‌ଆଇ ଆଉ ଏଏସ୍‌ଆଇ ମୁତୟନ୍ ରହେବେ । ସାରା ସହର୍ ସିସିଟିଭି ନଜର୍‌ଥି ରହେବା । ଶ୍ରୀମନ୍ଦିର୍ ସିଂହଦୁଆର ବାଟେ ଶ୍ରଦ୍ଧାଳୁମାନେ ପ୍ରବେଶ୍ କରିପାର୍‌ବେ ଆଉ ବାକି ତିନ୍‌ହି ଦୁଆର ଦେଇକରି ବାହାରିପାର୍‌ବେ ବଲି ଆରକ୍ଷୀ ଅଧିକ୍ଷକ୍ ପ୍ରତୀକ୍ ସିଂ ସୂଚ୍‌ନା ଦେଇଛନ୍ ।

ଛବିଳ ସାଏ- ବଳିଦାନ୍ ଦିବସ ସମ୍ବଲପୁର

ସମ୍ବାଦଦାତା/ଏକ୍ସ

ସମ୍ବଲ୍‌ପୁର୍ ଜିଲ୍ଲାର୍ କୁଦୋପାଲି ଶହୀଦ୍ ଛବିଳ ସାଏଙ୍କର୍ ବଳିଦାନ୍ ଦିବସ୍ ଅବ୍‌ସରେ ଆଏଜ୍ ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ତାଙ୍କୁ ଶ୍ରଦ୍ଧାଞ୍ଜଳି ଜନେଇଛନ୍ । ଦେଶ୍ ଲାଗି ତାଙ୍କର୍ ସାହାସ୍ ଆଉ ତ୍ୟାଗ ସମ୍‌କୁ ତହଁକାବା ବଲି ରାଜ୍ୟପାଲ୍ କହିଛନ୍ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଶହୀଦ୍ ଛବିଳ ସାଏଙ୍କୁ ଶ୍ରଦ୍ଧାଞ୍ଜଳି ଜନେଇକରି କୁଦୋପାଲି ନ ମାତୃଭୂମିର୍ ସୁରକ୍ଷା ଲାଗି ତାଙ୍କର୍ ବଳିଦାନ୍ ସୁର୍‌ତା ହେଇ ରହେବା ବଲି କହିଛନ୍ ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଶହୀଦ୍ ଛବିଳ ସାଏଙ୍କର୍ ବୀରତ୍ୱ ଆଉ ବଳିଦାନ୍ ସବୁ ଓଡ଼ିଆଙ୍କର୍ ଲାଗି ସୁର୍‌ତା ହେଇ ରହେବା ବଲି କହିଛନ୍ ।

ଶହୀଦ୍ ଛବିଳ ସାଏଙ୍କର୍ ବଳିଦାନ୍ ଦିବସ୍ ଅବ୍‌ସରେ ଆଏଜ୍ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ୨୧ ତୋପ୍ ସଲାମି ଦିଆଯାଇଥିଲା । ଇ ଅବ୍‌ସରେ ପଦ୍ମଶ୍ରୀ ହଲ୍‌ଧର୍ ନାଗ୍ ବିଧାୟକ୍ ଜୟନାରାୟଣ୍ ମିଶ୍ର, ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍ ବଳିରାମ୍ ବୋନ୍ଦର୍, ଡିଆଇଜି ହିମାଂଶୁ ଲାଲ୍, ଆରକ୍ଷୀ ଅଧିକ୍ଷକ୍ ମୁକେଶ୍ ଭାମୁ ଆଉ ଅଲ୍‌ଗା ମାନେ ଉପସ୍ଥିତ୍ ଥିଲେ । ଇ ଅବ୍‌ସରେ ଆଏଜ୍ ଗୁଟେ ବାଇକ୍ ଆଉ ମଶାଲ୍ ଶୋଭାଯାତ୍ରା ଭିଲ୍ ଆୟୋଜନ୍ କରାଯାଇଥିଲା । ସୂଚ୍‌ନା

ଅନ୍‌ସାରେ ୧୮୫୭ ମସିହା ଡିସେମ୍ବର୍ ୩୦ ତାରିଖ୍ ଦିନ୍ କୁଦୋପାଲିର୍ ଘାଟି ନ ଇଂରେଜ୍ ମାନ୍‌କର୍ ସାଙ୍ଗେ ଲଢ଼େଇକରିକରି ଛବିଲ ସାଏଙ୍କର୍ ସହେତେ ୫୭ ଝନ୍ ଶହୀଦ୍ ହେଇଥିଲେ ।

ଚକରା ବିଶୋଇ I&PR

ମହାନ୍ ବିପ୍ଳବୀ ଚକରା ବିଶୋଇଙ୍କର୍ ୨ ଶହ ୩ ତମ ଜୟନ୍ତୀ ଅବ୍‌ସରେ ଆଏଜ୍ ତାଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛେ । ଇ ଅବ୍‌ସରେ ଓଡ଼ିଶା ବିଧାନ୍‌ସଭା ପରିସର୍ ନ ଥିବା ବିପ୍ଳବୀଙ୍କର୍ ପ୍ରତିମୂର୍ତ୍ତି ନ ଆଏଜ୍ ସଖାଲ୍‌ବେଲା ବାଚସ୍ପତି ସୁରମା ପାଢ଼ୀ, ମତ୍ସ୍ୟ ଆଉ ପ୍ରାଣୀସମ୍ପଦ୍ ବିକାଶ୍ ମନ୍ତ୍ରୀ ଗୋକୁଳା ନନ୍ଦ ମଲ୍ଲିକ୍ ଆଉ ଅଲ୍‌ଗାମାନେ ଉପସ୍ଥିତ୍ ରହିକରି ଶ୍ରଦ୍ଧାଞ୍ଜଳି ଜନେଇଛନ୍ । ବିପ୍ଳବୀଙ୍କର୍ ଜନମ୍ ମାଏନ୍ ଭଞ୍ଜନଗର୍ ନ ଆଏଜ୍ ଗୁଟେ ସାଧାରଣ୍ ସଭାର୍ ଆୟୋଜନ୍ କରାଯାଇଛେ ।

ସାମ୍ବ ଦଶ୍‌ମୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ପୁଷ୍‌ମାସର୍ ଉଜଲ୍‌ପଖର୍ ଦଶ୍‌ମୀ ତିଥି ଅବ୍‌ସରେ ଆଏଜ୍ ସାମ୍ବ ଦଶ୍‌ମୀ ପାଲନ୍ କରାଯାଇଛେ । ଇ ଅବ୍‌ସରେ ପ୍ରଭୁ ସୂର୍ଯ୍ୟଙ୍କୁ

ପୂଜା କରାଯାଉଛେ । ଅର୍କକ୍ଷେତ୍ର କୋଣାର୍କ ନ ସୂର୍ଯ୍ୟପୂଜା ଲାଗି ଶ୍ରଦ୍ଧାଳୁଙ୍କର୍ ଭିଡ଼୍ ଲାଗିଥିଲା । ଇ ଅବ୍ସରେ ଅନନ୍ତ ଅବଧୂତ ମଠ ନୁ ଚନ୍ଦ୍ରଭାଗା ତକ୍ ସୂର୍ଯ୍ୟ ରଥଯାତ୍ରା ହେଇଥିଲା । ସଖାଲୁ ସ୍ୱତନ୍ତ୍ର ନୀତିକାନ୍ତି ଉତ୍ରୁ ରଥଥି କଲସ୍ ଆଉ ସୂର୍ଯ୍ୟ ବିଗ୍ରହଙ୍କୁ ଥାପ୍ନା କରାଯାଇଥିଲା । ତାର୍ ଉତ୍ରୁ ଭିନ୍ ଭିନ୍ ପିଠା ଭୋଗ ଲାଗି କରାଯାଇଥିଲା । ମଠମହନ୍ତ ଛେରାପହଁରା କଲା ଉତ୍ରୁ ଶ୍ରଦ୍ଧାଳୁମାନେ ରଥ ଘିଚିଥିଲେ । ଇ ସୂର୍ଯ୍ୟରଥ ୨୭ ଦିନ୍ ତକ୍ ଚନ୍ଦ୍ରଭାଗା ନ ରହିକରି ୨୭ ନକ୍ଷତ୍ରଥି ପୂଜା ପାଏବେ । ମାଘ୍ ସପ୍ତମୀ ଦିନ ବାହୁଡ଼ା ଯାତ୍ରା ହେବା ।

## ରେଢ଼ାଖୋଲ୍-ଲୋକ୍ମହୋତ୍ସବ୍ ଆର୍ଏନ୍ୟୁ/ ସମ୍ବଲପୁର

ରେଢ଼ାଖୋଲ୍ ଠାନେ ଆଏବା ମାସ ହେବାର୍କେ ଥିବା ଲୋକ୍ମହୋତ୍ସବ୍ ଲାଗି ଉପଜିଲ୍ଲାପାଳ୍ ରଶ୍ମୀରଞ୍ଜନ୍ ମହାନ୍ତଙ୍କର୍ ଅଧ୍ୟକ୍ଷତାଥି ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ପହେଲାଥର୍ ଲାଗି ହେବାର୍କେ ଥିବା ଇ ମହୋତ୍ସବ୍କେ ଭୀମଭୋଇଙ୍କର୍ ନାଁଥି ନାମିତ୍ କର୍ବାର୍କେ ନିଷ୍ପତି ନିଆଯାଇଛେ । ବୈଠକ୍ଥି ପ୍ରଶାସନିକ୍ ଅଧିକାରୀଙ୍କର୍ ସହେତେ ରେଢ଼ାଖୋଲ୍ ଅଂଚଲ୍ର ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ୍ ଥିଲେ ।

ସଚେତନତା କାର୍ଯ୍ୟକ୍ରମ୍-ନୂଆପଡ଼ା ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ୍ ତର୍‌ଫୁ ବାଲ୍ୟବିବାହ ମୁକ୍ତ ଭାରତ ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । ଇ ଅବ୍‌ସରେ ଜିଲ୍ଲାକେ ପ୍ଲାଷ୍ଟିକ୍ ମୁକ୍ତ କର୍‌ବାର୍ ଲାଗି ସଫେଇ ଭିଲ୍ କରାଯାଇଥିଲା । ଇ ଅବ୍‌ସରେ ଗୁଟେ ସଚେତନତା ଶୋଭାଯାତ୍ରା ହରିପୁର୍ ରୋଡ୍‌ନୁ ବାହାରିକରି ପ୍ଲାଷ୍ଟିକ୍‌ମୁକ୍ତ ଜିଲ୍ଲା ଗଠନ୍ ଲାଗି ଲୁକ୍‌କୁ ସଚେତନ୍ କର୍‌ବାର୍ ସହେତେ ପର୍ଯ୍ୟଟନ୍ ସ୍ଥଲୀମାନ୍‌କେ ସଫେଇ କରାଯାଇଥିଲା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଶୀତ୍ ଲହରୀ ଜାରି ରହିଛେ । ଆଏବା ୫ ଦିନ୍ ତକ୍ ଧିରେ ଧିରେ ରାତିର୍ ତାପମାତ୍ରା ୨ ନୁ ୩ ଡିଗ୍ରୀ ତକ୍ ବଢ଼୍‌ବା ଆଉ ଶୀତ୍ କମ୍‌ବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।

ଆଏବା କାଏଲ୍ ପହପହନୁ ସୁନ୍ଦର୍‌ଗଡ଼୍ ଆଉ ସମୁଦ୍ର ଖଁଡ଼ି ଇଲାକା ସହେତେ ୧୩ ଟା ଜାଗା ନ ଜବର୍ କୁହୁଡ଼ି ହେବା । କଲାହାଣ୍ଡି, କନ୍ଧମାଲ୍ ସହେତେ ୧୯ ଟା ଜାଗା ନ ହାଲ୍‌କାନୁ ମଧମ ଧରଣର କୁହୁଡ଼ି ହେବା ବଲି ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ଅନୁମାନ୍ କରିଛେ ।